# କୋଭିଡ୍ ହସ୍ପିଟାଲ୍‌ରେ ଶିଶୁପୁତ୍ର ଜନ୍ମ

**ବ୍ରହ୍ମପୁର,୨୧।୫/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଶୀତଳାପଲ୍ଲି କୋଭିଡ୍ ହସ୍ପିଟାଲ୍‌ରେ ଆଜି ଜଣେ ମହିଳା ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି । ସଫଳ ଅସ୍ତ୍ରୋପଚାର ଦ୍ୱାରା ଶିଶୁପୁତ୍ର ଜନ୍ମ ହୋଇଥିବା ସୂଚନା ମିଳିଛି । ଏହି ହସ୍ପିଟାଲ୍‌ରେ ବର୍ତ୍ତମାନ ୫ଜଣ ଗର୍ଭବତୀ ରହିଥିବା ବେଳେ ଆଜି ଜଣେ ପ୍ରସବ କରିଛନ୍ତି । ପୂର୍ବରୁ ଏଠାରେ ଗର୍ଭବତୀ ମହିଳାଙ୍କ ପାଇଁ ଓଟି ନଥିଲା । କିନ୍ତୁ ଗର୍ଭବତୀଙ୍କ ସଂଖ୍ୟା ବଢ଼ିବା ପରେ ବ୍ରହ୍ମପୁର ନ ଆଣି ସେମାନଙ୍କୁ ସେଠାରେ ହିଁ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଜିଲ୍ଲାର ବିଭିନ୍ନ ସରକାରୀ କ୍ୱାରେଣ୍ଟାଇନ୍ ହୋମ୍‌ରେ ଶହେରୁ ଊର୍ଦ୍ଧ୍ୱ ଗର୍ଭବତୀ ରହିଛନ୍ତି । ସେମାନଙ୍କର ସ୍ୱାବ ପରୀକ୍ଷା ହେବା ପରେ ସେମାନଙ୍କୁ କେଉଁଠି ରଖାଯିବ ସେ ନେଇ ପ୍ରଶାସନ ଚିନ୍ତା କରୁଥିବା କୁହାଯାଉଛି ।